PRESS RELEASE

# ବରଗଡ଼ଠାରେ ଟିପିଡବ୍ଲ୍ୟୁଓଡିଏଲ୍‌ର ନୂତନ ୩୩/୧୧ କେଭି ପାୱାର ସବ୍-ଷ୍ଟେସନ ଉଦଘାଟନ କଲେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ

## ବରଗଡ଼ ସହରର ପ୍ରାୟ ୪୦୦୦ ଉପଭୋକ୍ତାଙ୍କ ବର୍ଦ୍ଧିତ ବିଦ୍ୟୁତ ଚାହିଦା ପୂରଣ, ବିଦ୍ୟୁତ ବିଶ୍ୱସନୀୟତା ଏବଂ ଭୋଲଟେଜ୍ ଗୁଣବତ୍ତାରେ ସୁଧାର ପାଇଁ ₹୧୬.୫୯ କୋଟି ଟଙ୍କାର ପୁଞ୍ଜିନିବେଶ।

**ବରଗଡ଼, ୧୨ ଜୁଲାଇ ୨୦୨୬:** ଦେଶର ସର୍ବୋତ୍କୃଷ୍ଟ ସୁରକ୍ଷିତ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଗଠନ ଲକ୍ଷ୍ୟରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଆଜି ବରଗଡ଼ର ପଞ୍ଚାୟତ କଲେଜଠାରେ ଏକ ନୂତନ ଉତ୍ସର୍ଗୀକୃତ ୩୩/୧୧ କେଭି (kV) ପାୱାର ସବ୍-ଷ୍ଟେସନ (PSS) ର ଆନୁଷ୍ଠାନିକ ଉଦଘାଟନ କରାଯାଇଛି। ୨×୫ MVA ପାୱାର ଟ୍ରାନ୍ସଫର୍ମର ବିଶିଷ୍ଟ (ମୋଟ କ୍ଷମତା ୧୦ MVA) ଏହି ଅତ୍ୟାଧୁନିକ ପ୍ରକଳ୍ପକୁ ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

ଏହି ନୂତନ ପାୱାର ସବ୍-ଷ୍ଟେସନର ଉଦଘାଟନୀ ଉତ୍ସବରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ବ୍ୟତୀତ ବରଗଡ଼ର ମାନ୍ୟବର ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ, ବରଗଡ଼ର ମାନ୍ୟବର ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀ; ଅତାବିରାର ମାନ୍ୟବର ବିଧାୟକ ଶ୍ରୀ ନିହାର ରଞ୍ଜନ ମହାନନ୍ଦ; ବିଜେପୁରର ମାନ୍ୟବର ବିଧାୟକ ଶ୍ରୀ ସନତ କୁମାର ଗର୍ତ୍ତିଆ; ଭଟଲୀର ମାନ୍ୟବର ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ; ବରଗଡ଼ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ (IAS); ବରଗଡ଼ ଆରକ୍ଷୀ ଅଧୀକ୍ଷକ (SP) ଶ୍ରୀ ରବୀନ୍ଦ୍ର ନାଥ ଶତପଥୀ (IPS) ଏବଂ TPWODL ର ସିଇଓ (CEO) ଶ୍ରୀ ପ୍ରବୀଣ ବର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉଦଘାଟନୀ ସମାରୋହରେ TPWODL ର ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ଏବଂ ସ୍ଥାନୀୟ ନାଗରିକମାନେ ମଧ୍ୟ ଯୋଗ ଦେଇଥିଲେ।

ସମାବେଶକୁ ସମ୍ବୋଧିତ କରି **ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ** କହିଛନ୍ତି, *"ଆଜି ଆମେ ବରଗଡ଼ ଜିଲ୍ଲାର ପ୍ରତିଟି ସ୍ଥାନରେ ସ୍ଥିର, ବିଶ୍ୱସନୀୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ପଞ୍ଚାୟତ କଲେଜ ନିକଟରେ ଏହି ନୂତନ 33/11 kV ବିଦ୍ୟୁତ ସବ୍-ଷ୍ଟେସନର ଉଦଘାଟନ କରିଛୁ। ଆଗାମୀ ଦିନରେ ଆଉ ଏକ ବିଦ୍ୟୁତ ସବ୍-ଷ୍ଟେସନ ମଧ୍ୟ ଉଦଘାଟିତ ହେବାକୁ ଯାଉଛି। ଏହି ଦୁଇଟିଯାକ ସବ୍-ଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ଜିଲ୍ଲାର ବିଦ୍ୟୁତ ବିତରଣ ନେଟୱାର୍କ ଯଥେଷ୍ଟ ସୁଦୃଢ଼ ହେବ, ଯାହା ଗ୍ରାହକ ସେବାର ବିଶ୍ୱସନୀୟତା ବୃଦ୍ଧି କରିବା ସହ ଲୋକଙ୍କ ବର୍ଦ୍ଧିତ ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବାରେ ସହାୟକ ହେବ।"*

ପ୍ରାୟ ₹୧୬.୫୯ କୋଟି ଟଙ୍କାର ନିବେଶରେ ନିର୍ମିତ ଏହି ନୂତନ ସବ୍-ଷ୍ଟେସନ ଦ୍ୱାରା ବରଗଡ଼ ସହର, ପଞ୍ଚାୟତ କଲେଜ ଅଞ୍ଚଳ, ଦୀପାଳି ଟକିଜ୍ ଅଞ୍ଚଳ, କାଳୀ ମନ୍ଦିର ଅଞ୍ଚଳ ଏବଂ ଏହାର ଆଖପାଖ ସହରାଞ୍ଚଳର ପ୍ରାୟ ୪୦୦୦ ରୁ ଅଧିକ ଘରୋଇ ଏବଂ ବାଣିଜ୍ୟିକ ଉପଭୋକ୍ତା ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। ସହରର ବଢୁଥିବା ବିଦ୍ୟୁତ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଆଗାମୀ ବର୍ଷଗୁଡ଼ିକ ପାଇଁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବା ପାଇଁ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଛି।

ଏହି ଅବସରରେ **ଟିପିଡବ୍ଲ୍ୟୁଓଡିଏଲ୍‌ର ସିଇଓ, ଶ୍ରୀ ପ୍ରବୀଣ ବର୍ମା** କହିଛନ୍ତି, *"ଟିପିଡବ୍ଲ୍ୟୁଓଡିଏଲ୍‌ରେ ଆମେ ଆମ ଗ୍ରାହକମାନଙ୍କ ବର୍ଦ୍ଧିତ ଆକାଂକ୍ଷାକୁ ପୂରଣ କରିବା ଏବଂ ପଶ୍ଚିମ ଓଡ଼ିଶାର ଦ୍ରୁତ ସାମାଜିକ-ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସୁଦୃଢ଼, ନିର୍ଭରଯୋଗ୍ୟ ଏବଂ ଭବିଷ୍ୟତ-ଉପଯୋଗୀ ବିଦ୍ୟୁତ ବିତରଣ ନେଟୱର୍କ ପ୍ରସ୍ତୁତ କରିବାକୁ ପ୍ରତିବଦ୍ଧ। ବରଗଡ଼ଠାରେ ନୂତନ ୩୩/୧୧ କେଭି ପାୱାର ସବ୍-ଷ୍ଟେସନର ଶୁଭାରମ୍ଭ ଆମର ଭିତ୍ତିଭୂମି ବିକାଶ ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ପ୍ରକଳ୍ପ କେବଳ ହଜାର ହଜାର ଗ୍ରାହକଙ୍କ ପାଇଁ ବିଦ୍ୟୁତ ସେବାର ଗୁଣବତ୍ତା ଓ ନିର୍ଭରଯୋଗ୍ୟତା ବଢ଼ାଇବ ନାହିଁ, ବରଂ ଆଗାମୀ ଦିନରେ ସହରର ସମ୍ପ୍ରସାରଣ, ବ୍ୟବସାୟିକ କାର୍ଯ୍ୟକଳାପ ଏବଂ ଶିଳ୍ପାୟନ ପାଇଁ ଆବଶ୍ୟକୀୟ ନେଟୱର୍କ କ୍ଷମତା ମଧ୍ୟ ସୃଷ୍ଟି କରିବ। ଏକ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାରେ ଯୋଗଦାନ ଦେବା ସହ ନିରାପଦ, ସ୍ଥାୟୀ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇବା ପାଇଁ ଆମେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏବଂ ବିତରଣ ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ କ୍ରମାଗତ ଭାବେ ନିବେଶ ଜାରି ରଖିବୁ।"*

ଏହି ନୂତନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଫଳରେ ବର୍ତ୍ତମାନ ଥିବା ୧୧ କେଭି ଫିଡରଗୁଡ଼ିକ ଉପରୁ ଭାର (Load) ଯଥେଷ୍ଟ ହ୍ରାସ ପାଇବ, ଭୋଲ୍ଟେଜ୍ ପ୍ରୋଫାଇଲ୍‌ରେ ସୁଧାର ଆସିବ, ବିଦ୍ୟୁତ କାଟ୍ ସମସ୍ୟା ଦୂର ହେବ ଏବଂ ସମଗ୍ର ବିତରଣ ନେଟୱର୍କର ନିର୍ଭରଯୋଗ୍ୟତା ବୃଦ୍ଧି ପାଇବ। ଏହାସହ ଫିଡର ବିଭାଜନ (Feeder Bifurcation) ଏବଂ ଲୋଡ୍ ଶିଫ୍ଟିଙ୍ଗ୍ ମାଧ୍ୟମରେ କାର୍ଯ୍ୟକ୍ଷମ ନମନୀୟତା ମିଳିପାରିବ, ଯାହା ବରଗଡ଼ର ଆଗାମୀ ସହରୀ ସମ୍ପ୍ରସାରଣ ଓ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଅତିରିକ୍ତ ନେଟୱର୍କ କ୍ଷମତା ସୃଷ୍ଟି କରିବ। ଏହି ସୁଦୃଢ଼ ଭିତ୍ତିଭୂମି ଜିଲ୍ଲା ମୁଖ୍ୟାଳୟରେ ସ୍ଥାୟୀ ଅର୍ଥନୈତିକ ବିକାଶକୁ ସହାୟତା କରିବା ସହ ଗ୍ରାହକ ସେବା ମାନଦଣ୍ଡରେ ଉନ୍ନତି ଆଣିବ।

ଟାଟା ପାୱାର୍‌ର ପୂର୍ବ ଜୋନ୍ କର୍ପୋରେଟ୍ ବ୍ୟାପାର ମୁଖ୍ୟ ଶ୍ରୀ ମନୋଜ ପଟ୍ଟନାୟକ ଏବଂ ବରଗଡ଼ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ (SE) ଶ୍ରୀ ଅନୁପମ ଦାଶ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପଶ୍ଚିମ ଓଡ଼ିଶାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ନିରନ୍ତର ସହଯୋଗ କରିଥିବାରୁ ବରଗଡ଼ ବିଦ୍ୟୁତ ମଣ୍ଡଳର ଜୋନାଲ ହେଡ୍, ଦେବଦତ୍ତ ସବ୍ୟସାଚୀ ମିଶ୍ର ଅତିଥି, ଜନପ୍ରତିନିଧି ଏବଂ ସମସ୍ତ ଅଂଶୀଦାରମାନଙ୍କୁ କୃତଜ୍ଞତା ଜଣାଇ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

**ଟିପିଡବ୍ଲୁଓଡିଏଲ୍ ସମ୍ବନ୍ଧରେ:** ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ ଅଟେ । ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଚୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି । କମ୍ପାନୀ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ଅଟେ । ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାହକ ସେବାରେ ନିରନ୍ତର ନିବେଶ ମାଧ୍ୟମରେ, ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହିତ ଏହି ଅଞ୍ଚଳର ଶକ୍ତି ରୂପାନ୍ତରଣ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି ।


| **ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ:** | |
|---|---|
| ରୁଚି ପାଣିଗ୍ରାହୀ<br>କର୍ପୋରେଟ୍ ଯୋଗାଯୋଗ ମୁଖ୍ୟ, ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା<br>**ଇମେଲ୍:** ruchi.panigrahi@tpwesternodisha.com | ପ୍ରବୀର ଶତପଥି<br>ଜନସମ୍ପର୍କ ଅଧିକାରୀ, କର୍ପୋରେଟ୍ ଯୋଗାଯୋଗ, ଟିପିଡବ୍ଲୁଓଡିଏଲ୍, କର୍ପୋରେଟ୍ କାର୍ଯ୍ୟାଳୟ, ବୁର୍ଲା<br>**ମୋବାଇଲ୍:** - ୯୯୩୭୩୩୦୩୦୩<br>**ଇମେଲ୍:** prabir.satapathy@tpwesternodisha.com |